# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**27 April – 2025**

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ଏହା ହେବ 'ମନ୍ କି ବାତ୍'ର ୧୨୧ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରଥମେ ପୂର୍ବାହ୍ନ ସାଢ଼େ ୯ଟା ବେଳେ ଦେଶୀ ବେହେରା ସାହିସ୍ଥିତ ଅସ୍ଥାୟୀ ମଣ୍ଡପରେ ମା' ବୁଢ଼ୀଠାକୁରାଣୀଙ୍କ ଦର୍ଶନ କରିବେ । ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ

ପାତ୍ରପୁର ବ୍ଲକର ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଧର୍ମେନ୍ଦ୍ର ପ୍ରଧାନ

ଭାରତକୁ ଏକବିଂଶ ଶତାବ୍ଦୀର ବିଶ୍ୱ ଜ୍ଞାନଶକ୍ତିରେ ପରିଣତ କରିବାକୁ ହେଲେ ସମାନ ଶିକ୍ଷା ଏବଂ ସମାନ ସୁଯୋଗକୁ ସୁନିଶ୍ଚିତ କରିବାକୁ ପଡିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା-ଶ୍ରୀମୁଳାସ୍ଥିତ ପିଏମ୍‌ଶ୍ରୀ ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଏକ ଭିଡ଼ିଓ ବାର୍ତ୍ତା ପ୍ରଦାନ କରି ଶ୍ରୀ ପ୍ରଧାନ ଏହା କହିଛନ୍ତି । ଆସନ୍ତା ୫ ବର୍ଷ ମଧ୍ୟରେ ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବଢ଼ାଇବା ପାଇଁ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ୫୦ହଜାର ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯିବ । ଏହାସହ ଛାତ୍ରଛାତ୍ରୀଙ୍କୁ ଡିଜିଟାଲ ବହି ଯୋଗାଇ ଦେବାପାଇଁ ସରକାର ଭାରତୀୟ ଭାଷା ପୁସ୍ତକ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ସମବାୟ ଦୁଗ୍ଧ ଉତ୍ପାଦ

ସମବାୟ ଦୁଗ୍ଧ ଏବଂ ଅନ୍ୟାନ୍ୟ ଉତ୍ପାଦ ଗୁଡ଼ିକୁ ଅନ୍‌ଲାଇନ୍ ବଜାରରେ ଉପଲବ୍ଧ କରିବା ପାଇଁ ସମବାୟ ମନ୍ତ୍ରଣାଳୟ ଏବଂ ସ୍ୱିଗି ଇନ୍‌ଷ୍ଟାମାର୍ଟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହାଦ୍ୱାରା ଭାରତ ଅର୍ଗାନିକ୍ସ ଏବଂ ଅନ୍ୟାନ୍ୟ ସମବାୟ ଦୁଗ୍ଧ ଉତ୍ପାଦ ଏବେ ସ୍ୱିଗିର

ଇ-କମର୍ସ ଏବଂ କ୍ୟୁ-କମର୍ସ ପ୍ଲାଟଫର୍ମରେ ଉପଲବ୍ଧ ହେବ । ଏହି ସହଯୋଗ ସମବାୟ ସଂସ୍ଥାଗୁଡ଼ିକୁ ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଗ୍ରାହକଙ୍କ ସହ ସଂଯୋଗ ସ୍ଥାପନ କରିବାରେ ସାହାଯ୍ୟ କରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ମିଳିତ ଜାତିସଂଘ ଚଳିତବର୍ଷକୁ ଅନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ଘୋଷଣା କରିଛି ।

## ପ୍ରଶାନ୍ତ ଶତପଥୀ-ଏନ୍‌ଆଇଏ ଟିମ୍

ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବାଲେଶ୍ୱର ଜିଲ୍ଲା ପ୍ରଶାନ୍ତ ଶତପଥୀଙ୍କ ପତ୍ନୀ ଏବଂ ପୁଅଙ୍କଠାରୁ ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍‌ଆଇଏ ଘଟଣା ସମ୍ବନ୍ଧରେ ପଚାରି ବୁଝିଛନ୍ତି । ଇଶାଣୀ ଗ୍ରାମସ୍ଥିତ ପ୍ରଶାନ୍ତଙ୍କ ଘରେ ପହଞ୍ଚି ଏନ୍‌ଆଇଏ ଟିମ୍ ପ୍ରାୟ ୫ ଘଣ୍ଟା ଧରି ପତ୍ନୀ ଏବଂ ପୁଅଙ୍କ ସହ ଆଲୋଚନା କରିଥିଲେ ।

## ଅଲିଭ୍ ରିଡ୍‌ଲେ-ଜନ୍ମ ପ୍ରକ୍ରିୟା

କେନ୍ଦ୍ରାପଡ଼ା ଜିଲ୍ଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଅଲିଭ୍ ରିଡ୍‌ଲେ ଶାବକଙ୍କୁ ଜନ୍ମ ପ୍ରକ୍ରିୟା ଜାରି ରହିଛି । ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଇତିମଧ୍ୟରେ ୧କୋଟି ୮୬ଲକ୍ଷ ଅଲିଭ୍ ରିଡ୍‌ଲେ ଶାବକ ସମୁଦ୍ରକୁ ଯାଇସାରିଛନ୍ତି ବୋଲି ଡିଭିଜନ ପକ୍ଷରୁ ସୂଚନା

ଦିଆଯାଇଛି । ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଡିଏଫ୍‌ଓ କେ. ସୁଦର୍ଶନ ଗୋପୀନାଥ ଯାଦବ କହିଛନ୍ତି...

**V/O**

# ମୁଖ୍ୟମନ୍ତ୍ରୀ-ସହାୟତା ରାଶି

ନିଶ୍ଚିନ୍ତକୋଇଲି ରାମକୃଷ୍ଣପୁର ଗ୍ରାମ ପୋଖରୀରେ ବୁଡ଼ି ୨ ଶିଶୁଙ୍କର ମୃତ୍ୟୁ ହୋଇଛି । ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଭୀର ଶୋକପ୍ରକାଶ କରିବା ସହ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ୪ଲକ୍ଷ ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

# ପ୍ରାଣୀ ଚିକିତ୍ସା ଦିବସ

ପ୍ରାଣୀ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସମ୍ମିଳିତ ପ୍ରଚେଷ୍ଟାର ଆବଶ୍ୟକତା ଉପରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱର ଲୋକସେବା ସମ୍ମିଳନୀ କକ୍ଷରେ ଗତକାଲି ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ୨୦୨୫ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା କହିଛନ୍ତି । ଏକ ପୃଥିବୀ- ଏକ ସ୍ୱାସ୍ଥ୍ୟ ବର୍ତ୍ତମାନ ସମୟର ଆବଶ୍ୟକତା ବୋଲି ସେ କହିଛନ୍ତି । ଏଥିରେ ଯୋଗଦେଇ ପଶୁପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏ କ୍ଷେତ୍ରରେ ରହିଥିବା ସରକାରୀ

ଯୋଜନା ଉପରେ ଆଲୋକପାତ କରିଥିଲେ । ଏଥିରେ ରାଜ୍ୟର ୩୦୦ରୁ ଅଧିକ ପଶୁପାଳକ ଅଂଶଗ୍ରହଣ କରିଥିଲେ ।

## କଳିଙ୍ଗ ସୁପର କପ୍ ଫୁଟବଲ

କଳିଙ୍ଗ ସୁପରକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ପର୍ଯ୍ୟାୟକୁ ମୋହନ ବାଗାନ ସୁପରଜ୍ୟାଣ୍ଟ୍ଓ ଏବଂ ଏଫ୍‌ସି ଗୋଆ ଉନ୍ନୀତ ହୋଇଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଗତକାଲି ଖେଳାଯାଇଥିବା ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ମୋହନବାଗାନ୍ ୨-୧ ଗୋଲ୍‌ରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସିକୁ ପରାସ୍ତ କରିଛି । ସେହିଭଳି ଦ୍ୱିତୀୟ କ୍ୱାର୍ଟରଫାଇନାଲରେ ଏଫ୍‌ସି ଗୋଆ ସମାନ ଗୋଲ୍ ବ୍ୟବଧାନରେ ପଞ୍ଜାବ ଏଫ୍‌ସିକୁ ହରାଇ ଦେଇଛି । ଆଜି ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ । ଇଣ୍ଟରକାସି ଏବଂ ମୁମ୍ବାଇ ସିଟି ପରସ୍ପରକୁ ଭେଟିବାକୁ ଥିବାବେଳେ ନର୍ଥଇଷ୍ଟ ଏବଂ ଜାମସେଦପୁର ମଧ୍ୟର ମୁକାବିଲା ହେବ ।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରକୋପ ଜାରି ରହିଛି । ଗତକାଲି ୧୪ଟି ସ୍ଥାନରେ ତାପମାତ୍ରା ୪୦ଡିଗ୍ରୀ ଉପରେ ରେକର୍ଡ କରାଯାଇଛି । ସର୍ବାଧିକ ଦିନ ତାପମାତ୍ରା ୪୪ ଦଶମିକ ୭ ଡିଗ୍ରୀ ସେଲସିୟସ ଝାରସୁଗୁଡାଠାରେ ରେକର୍ଡ କରାଯାଇଛି । ଆଜିଠାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଜୁଳି ଘଡଘଡି ଜନିତ ବର୍ଷା ହେବା ସହ ତାପମାତ୍ରା ହ୍ରାସ ପାଇବ ବୋଲି

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।